# ୧ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଉତ୍ପାଦନ ଲକ୍ଷ୍ୟ

## ଜିଲାସ୍ତରୀୟ ରବିଧାନ କ୍ରୟ ସମିତି ବୈଠକ

ରାୟଗଡ଼ା,୨୨।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ରବିଧାନ ୨୦୨୫-୨୬ ଅବଧି ପାଇଁ ଜିଲାସ୍ତରୀୟ ଧାନ କ୍ରୟ ସମିତିର ବୈଠକ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ରବିଋତୁରେ ଜିଲାରେ ମୋଟ ୭୧୬୫.୯୧ ଏକର ଜମିରେ ଧାନ ଚାଷ ହୋଇଥିବାବେଳେ ପ୍ରାୟ ୧,୫୮,୧୭୭.୭୫ କୁଇଣ୍ଟାଲ ଧାନ ଉତ୍ପାଦନ ହେବାକୁ ଆକଳନ କରାଯାଇଛି। ପଦ୍ମପୁର ବ୍ଲକ୍‌ରେ ସର୍ବାଧିକ ୫୧୮୯.୧୦ ଏକର ଚାଷ ହୋଇଥିବା ବେଳେ ୧,୧୫,୫୦୧.୫୮ କୁଇଣ୍ଟାଲ ଧାନ ଉତ୍ପାଦନ ହେବ। ଗୁଡ଼ାରି, ମୁନିଗୁଡ଼ା, ରାମନଗୁଡ଼ା ଓ କାଶୀପୁର ଭଳି ବ୍ଲକ୍‌ରେ ମଧ୍ୟ ଚଳିତ ରବିଋତୁରେ ଅଧିକ ଉତ୍ପାଦନ ହେବା ନେଇ କୃଷି ବିଭାଗ ଆକଳନ କରିଥିବା ସୂଚନା ଦେଇଛି।


ବୈଠକରେ ଜିଲାପାଳଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

ବୈଠକରେ ରାୟଗଡ଼ା ଉପଜିଲାପାଳ ରମେଶ କୁମାର ଜେନା, ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ, କୋରାପୁଟ ଏମ୍‌ପି ପ୍ରତିନିଧି, ରାୟଗଡ଼ା ବିଧାୟକ ପ୍ରତିନିଧି, ମୁଖ୍ୟ ଜିଲା କୃଷି ଅଧିକାରୀ, ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ଉପ ନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସହିତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ବ୍ଲକରେ ସୁଚାରୁ ରୂପେ ଧାନ କ୍ରୟ ପ୍ରକ୍ରିୟା ପାଇଁ ସମନ୍ୱୟରେ କାମ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ବୈଠକରେ ରବି ଧାନ ଉତ୍ପାଦନ, ହାର୍ଭେଷ୍ଟ ସମୟସୂଚୀ ଏବଂ ସୁଚାରୁ ଧାନ କ୍ରୟ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଚାଷୀଙ୍କ ସୁବିଧା ନିମନ୍ତେ ଧାନ କ୍ରୟ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସମୟବଦ୍ଧ କରିବା ନିମନ୍ତେ ଜିଲାପାଳ କୁଲକର୍ଣ୍ଣି ଗୁରୁତ୍ୱାରୋପ କରିଥିଲେ। ମଣ୍ଡିଗୁଡିକର ଅବସ୍ଥା ଉନ୍ନତି ପାଇଁ ତୁରନ୍ତ ମରାମତି କାର୍ଯ୍ୟ କରିବାକୁ ପଦକ୍ଷେପ ନେବା ଲାଗି ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି, ପାନୀୟଜଳ, ଆଲୋକ ବ୍ୟବସ୍ଥା ଓ ଚାଷୀ ସୁବିଧାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଜୋର ଦେଇଥିଲେ। ଚାଷୀମାନଙ୍କ ନିବନ୍ଧନ ପ୍ରକ୍ରିୟା ରାୟଗଡା ସବ୍‌ଡ଼ିଭିଜନରେ ଆସନ୍ତା ମେ ୨୦ରୁ ଓ ଗୁଣୁପୁର ସବଡ଼ିଭିଜନ ମେ ୨୭ରୁ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ଏଥି ପାଇଁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଟିକିରିରୁ ସିଜିମାଳି ବକ୍ସାଇଟ୍ ଖଣିକୁ ସ୍ୱତନ୍ତ୍ର ରେଳ ଲାଇନ

- ୱାଲ୍‌ଟିୟର ଡିଭିଜନ ଅଧୀନରେ ପ୍ରକଳ୍ପ ନିର୍ମାଣ ହେବ
- ଓଡ଼ିଶା ରାଜସ୍ୱ ଅନ୍ୟ ରାଜ୍ୟକୁ ଚାଲିଯିବ: ବିରୋଧୀ ଦଳ ନେତା

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ରାୟଗଡ଼ା ଜିଲାରେ ଥିବା ସିଜିମାଳି ବକ୍ସାଇଟ ଖଣି ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ରେଳ ଲାଇନ ଘୋଷଣା କରାଯାଇଛି। ଏଥିପାଇଁ କେନ୍ଦ୍ର ସରକାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ରେଳ ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ୍ ନୋଟିଫିକେଶନ୍ ପ୍ରକାଶ କରାଯାଇଛି। ରେଳ ମନ୍ତ୍ରଣାଳୟର ପୂର୍ବତଟ ରେଳପଥ ନିର୍ମାଣ ବିଭାଗ ପକ୍ଷରୁ ଏପ୍ରିଲ ୨୧ରେ ଜାରି ହୋଇଥିବା ଗେଜେଟ୍ ନୋଟିଫିକେଶନ୍ ଅନୁଯାୟୀ, ଏହି ରେଳପଥ ଉକ୍ତ ଜିଲାର ଟିକିରି ଷ୍ଟେଶନରୁ କୁତ୍ରୁମାଳି ଓ ସିଜିମାଳି ବକ୍ସାଇଟ୍ ଖଣି ସହିତ ସଂଯୋଗ କରିବ। ୱାଲ୍‌ଟିୟର ଡିଭିଜନ ଅଧୀନରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ।

ରେଳପଥ ଆଇନ୍ ୧୯୮୯ର ଧାରା ୨ର ଉପଧାରା (୩୭ଏ) ଅନୁଯାୟୀ ଏହାକୁ ସ୍ୱତନ୍ତ୍ର ପ୍ରକଳ୍ପ ମାନ୍ୟତା ଦିଆଯାଇଛି। ତେବେ ପୂର୍ବରୁ ୱାଲ୍‌ଟିୟର ଡିଭିଜନ୍ ପୂର୍ବତଟ ରେଳପଥ ଅଧୀନରେ ରହୁଥିବାବେଳେ ନିକଟରେ ଏହାକୁ ଦକ୍ଷିଣତଟ ରେଳପଥକୁ ସ୍ଥାନାନ୍ତରିତ କରାଯାଇଛି। ଫଳରେ ଏହି ରେଳ ଲାଇନ୍ ଦ୍ୱାରା ଓଡ଼ିଶାକୁ ଆସିବାକୁ ଥିବା ରାଜସ୍ୱ ଅନ୍ୟ ରାଜ୍ୟକୁ ଯିବ ବୋଲି ରାଜ୍ୟର ବିରୋଧୀ ଦଳ ନେତାମାନେ ଅଭିଯୋଗ ଉଠାଇଛନ୍ତି।

ଅନ୍ୟପଟେ ରେଳପଥ ପକ୍ଷରୁ କୁହାଯାଇଛି, ଏହି ନୂଆ ରେଳପଥ ଦ୍ୱାରା ବକ୍ସାଇଟ୍ ଭଳି ମୂଲ୍ୟବାନ୍ ଖଣିଜର ସରଳ ଓ ଶୀଘ୍ର ପରିବହନ ସମ୍ଭବ ହେବ। ଏଥିରୁ ରାୟଗଡ଼ା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶିଳ୍ପ ବିକାଶ ଗତିଶୀଳ ହେବା ସହିତ ସ୍ଥାନୀୟ ଅର୍ଥନୀତି ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପଡ଼ିବ। ଏଥିସହ ନୂତନ ନିଯୁକ୍ତି ସୃଷ୍ଟି ଓ ଅନ୍ୟାନ୍ୟ ସହଯୋଗୀ ଶିଳ୍ପ ଗଠନର ସମ୍ଭାବନା ବଢ଼ିବ। ତେବେ ସିଜିମାଳି ଖଣି ପ୍ରକଳ୍ପକୁ ନେଇ ପରିବେଶ ଓ ସ୍ଥାନୀୟ ଆଦିବାସୀ ଅଧିକାରକୁ ନେଇ ଗତ କିଛିଦିନ ଧରି ବିବାଦୀୟ ପରିସ୍ଥିତି ଦେଖାଯାଇଛି। ସ୍ଥାନୀୟ ଲୋକମାନେ ଜମି, ଜୀବିକା ଓ ପରିବେଶ ସୁରକ୍ଷା ନେଇ ଆଶଙ୍କା ପ୍ରକାଶ କରିଥିବା ବେଳେ ସରକାରଙ୍କ ପକ୍ଷରୁ ବିକାଶ ଓ ପୁନର୍ବାସ ବ୍ୟବସ୍ଥା ନିଶ୍ଚିତ କରାଯିବାର ଆଶ୍ୱାସନା ଦିଆଯାଇଛି।

# ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ
## ‘ଆତ୍ମରକ୍ଷା କୌଶଳ ଛାତ୍ରୀଙ୍କ ଭିତରେ ଆତ୍ମବିଶ୍ୱାସ ବଢ଼ାଇଥାଏ’


୨ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦିଆଯାଉଛି।

ଗୁଣପୁର, ୨୨।୪ (ସଂକେତ ପାତ୍ର)

ବିଦ୍ୟାସାଗର ଏଜୁକେଶନାଲ ଟ୍ରଷ୍ଟ ଆନୁକୂଲ୍ୟରେ ଗୁଣପୁରର ଏକ ଘରୋଇ ବିଦ୍ୟାଳୟରେ ୧୫ ତାରିଖରୁ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ୬୫ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣପୁର ଆଦର୍ଶ ଥାନା ଆଇଆଇସି କମଳକାନ୍ତ କହଁର ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ବିଷୟରେ ସୂଚନା ପ୍ରଦାନ କରି କହିଥିଲେ ଯେ, ସାମ୍ପ୍ରତିକ ସମାଜରେ ମହିଳାମାନେ ନିଜକୁ ରକ୍ଷା କରିବା ପାଇଁ ଆତ୍ମରକ୍ଷା କୌଶଳର ତାଲିମ ନେବା ଜରୁରୀ।

ସମାଜର ବିଭିନ୍ନ କ୍ଷେତ୍ରରେ ନାରୀର ସ୍ଥାନ ସର୍ବୋଚ୍ଚ । ଆତ୍ମରକ୍ଷା କୌଶଳ ଯେ କୌଣସି କଠିନ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ମହିଳାଙ୍କ ଭିତରେ ଧୈର୍ଯ୍ୟ, ଆତ୍ମବିଶ୍ୱାସ ବଢ଼ାଇଥାଏ ବୋଲି ଆଇଆଇସି କହଁର କହିଥିଲେ । ଜିଲା କରାଟେ ତାଲିମ ପ୍ରଶିକ୍ଷକ ଲବ ବାଉରୀ ଆତ୍ମରକ୍ଷା କୌଶଳ ନେଇ ବିଭିନ୍ନ କଳା ପ୍ରଦର୍ଶନ କରିଥିଲେ ।

# ମହିଳାଙ୍କୁ ସୁରକ୍ଷା ଦେବାରେ ଭାଜପା ବିଫଳ: ମୀନାକ୍ଷୀ ବାହିନୀପତି

ରାୟଗଡ଼ା,୨୨।୪(ଆଶିଷ ରଞ୍ଜନ ପଣ୍ଡା)

ମହିଳାଙ୍କୁ ସୁରକ୍ଷା ଦେବାରେ ଏବଂ ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ଭାଜପା ସରକାର ବିଫଳ ହୋଇଛି। ୨୦୨୩ରେ ମହିଳାଙ୍କ ସଂରକ୍ଷଣ ପାଇଁ ବିଲ୍ ପାସ୍ ହୋଇଥିଲେ ହେଁ ତାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ବିଫଳ ହୋଇଛି। ରାୟଗଡ଼ାଠାରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଏଭଳି ମତ ଦେଇଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଏହି ଅଭିଯୋଗ କରିଛନ୍ତି ମୀନାକ୍ଷୀ ବାହିନୀପତି। ଦେଶରେ ମହିଳାଙ୍କୁ ସରକାର ସୁରକ୍ଷା ଦେବାରେ ବିଫଳ ହୋଇ ଏବେ ବିରୋଧୀ ମୁଣ୍ଡରେ ଅଠା ବୋଳିବା ଉଦ୍ୟମ ସରକାର କରୁଥିବା ସେ ଅଭିଯୋଗ କରିଛନ୍ତି। ପ୍ରଥମେ ସୀମା ନିର୍ଦ୍ଧାରଣ ଓ ପରେ ଜନଗଣନା ହେବା କଥା, କିନ୍ତୁ ସରକାର ନିଜ ସ୍ୱାର୍ଥକୁ ସବୁବେଳେ ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି। ତେବେ ଏହି ବାର୍ତ୍ତାକୁ କଂଗ୍ରେସ ଦଳ ଘରେ ଘରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା, ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ରତ୍ନମଣୀ ଉଲାକା, ପିସିସି ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା ଓ ଭୁକାଲି ସେଠୀଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

# ପୃଥକ୍ ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

କଲ୍ୟାଣସିଂହପୁର, ୨୨।୪ (ଦୀପକ କୁମାର ପରିଡା)

ରାୟଗଡ ଜିଲା କଲ୍ୟାଣସିଂହପୁର ବ୍ଲକ୍‌ର ସେରିଗୁମ୍ମା ଓ ସିଙ୍ଗାରି ପଞ୍ଚାୟତରେ ପୃଥକ୍ ବାଇକ୍ ଦୁର୍ଘଟଣାରେ ୭ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବୁଧବାର ସେରିଗୁମ୍ମା ପଞ୍ଚାୟତର ତଳ ଅଞ୍ଚଳବାଡି ଗ୍ରାମର ମହେନ୍ଦ୍ର ହିଆଲ (୨୨) ଏକ ବାଇକ୍‌ରେ ଲାମ୍ବେରୀ ଗ୍ରାମକୁ ଭୋଜି ଖାଇବାକୁ ଯାଇ ନିଜ ଘରକୁ ଫେରୁଥିବାବେଳେ ଅନ୍ୟ ଏକ ବାଇକ୍‌ରେ ଲମ୍ବେରୀ ଗ୍ରାମର ଜୁଗୁ ନାଟିକା ସହ ଧକ୍କା ହୋଇଥିଲା । ଫଳରେ ମହେନ୍ଦ୍ରଙ୍କ କପାଳରେ ଗଭୀର ଆଘାତ ଲାଗିଛି। ସେହିପରି କଲ୍ୟାଣସିଂହପୁର ସଦର ପଞ୍ଚାୟତ ଗିରିଆଗୁଡା ଗ୍ରାମର ପୂର୍ଣ୍ଣ ବିଡ଼ିକା (୪୦) ଓ ତାଙ୍କ ପୁଅ ମନୋଜ ବିଡ଼ିକା (୧୮) ଓ କାର୍ତ୍ତିକ ଯାକେସିକା ଏକ ବାଇକ୍‌ରେ କୌଣସି କାମରେ ମୁନିଗୁଡ଼ା ଯାଇ ଫେରୁଥିବା ବେଳେ ସିଙ୍ଗାରି ପଞ୍ଚାୟତର ଟିଡିମସ୍କା ଗ୍ରାମର ସୁରେଶ ଶିକକା(୩୦) ଅନ୍ୟ ଏକ ବାଇକ୍‌ରେ ଆସୁଥିବାବେଳେ ଖମ୍ବାରୀଭଟ୍ଟା ଛକ ଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ପୂର୍ଣ୍ଣଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ସୁରେଶ ମଧ୍ୟ ଗୁରୁତର ହୋଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଆମ୍ବୁଲାନ୍ସ ଯୋଗେ ସମସ୍ତ ଆହତଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଅନୁଭବ ସାହୁ ୭ ଜଣଙ୍କ ପ୍ରାଥମିକ ଚିକିତ୍ସା କରିବା ପରେ ଗୁରୁତର ୩ ଜଣଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ସରିଲା ମା’ ଠାକୁରାଣୀ ପର୍ବ


ମା’ ଠାକୁରାଣୀଙ୍କ ପୂଜାରେ ଆଦିବାସୀ ବେଶଭୁଷାରେ ସଜ୍ଜିତ ପିଲାମାନେ।

ଗୁଣପୁର, ୨୨।୪ (ସଂକେତ ପାତ୍ର)

ଗୁଣପୁର ସହରର କରବାଙ୍କ କଲୋନିରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ମା’ ଠାକୁରାଣୀ ପର୍ବ ବୁଧବାର ଶେଷ ହୋଇଛି। ଶାନ୍ତି, ସମୃଦ୍ଧି ସ୍ଥାପନ ପାଇଁ ଅଞ୍ଚଳବାସୀ ମାଆ ଠାକୁରାଣୀଙ୍କୁ ପ୍ରାୟ ୫ ଦିନ ଧରି ପୂଜା କରିଥାନ୍ତି। ମା’ଙ୍କୁ ପୂଜାକଲେ ଗ୍ରାମରେ ଅଶୁଭ ଶକ୍ତିରୁ ସୁରକ୍ଷା ମିଳେ ବୋଲି ଗ୍ରାମବାସୀ ବିଶ୍ୱାସ କରନ୍ତି। ପ୍ରଥମ ଦିନରେ ଘଟସ୍ଥାପନା ସହ ପୂଜା ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନରେ ମାଆଙ୍କ ନିତ୍ୟ ପୂଜା ଓ ଭୋଗ ନିବେଦନ କରାଯାଇଥିଲା। ତୃତୀୟ ଓ ଚତୁର୍ଥ ଦିନରେ ବିଶେଷ ହୋମଯଜ୍ଞ ସହ ସାମୂହିକ ଆରତି ହୋଇଥିଲା। ପଞ୍ଚମ ଦିନରେ ପୂର୍ଣ୍ଣାହୁତି ସହ ମାଆଙ୍କୁ ବିଦାୟ ଦିଆଯାଇଥିଲା। ଶେଷଦିନରେ ଛୋଟ ଛୋଟ ପିଲାମାନେ ବିଭିନ୍ନ ବେଶଭୁଷାରେ ସଜ୍ଜିତ ହୋଇଥିଲେ। କେତେକ ଶିଶୁ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଇତ୍ୟାଦି ରୂପରେ ସଜ୍ଜିତ ହୋଇଥିବାବେଳେ ଆଉ କେତେଜଣ ପିଲା ସ୍ଥାନୀୟ ଆଦିବାସୀ ସଂସ୍କୃତିକୁ ପ୍ରକାଶ କରୁଥିବା ପାରମ୍ପରିକ ଟ୍ରାଇବାଲ ବେଶଭୁଷାରେ ସଜ୍ଜିତ ହୋଇଥିଲେ। ପର୍ବର ଶେଷ ଦିନରେ ପ୍ରତ୍ୟେକଙ୍କ ଘରେ ବନ୍ଧୁବାନ୍ଧବଙ୍କ ସହିତ ଭୋଜିର ବ୍ୟବସ୍ଥା କରାଯାଇଥିଲା।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗୁଣପୁର,୨୨।୪( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଡ଼ମ୍ବସରା ଗ୍ରାମର ଶ୍ରୀ ଶ୍ରୀ ସଙ୍କଟ ମୋଚନ ମହାବୀର ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ୩ ଦିନ ବ୍ୟାପୀ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ ବିକ୍ରମପୁର ଆଶ୍ରମର ଆଚାର୍ଯ୍ୟ ନଳିନୀ ମହାନ୍ତି ଯୋଗଦେଇ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରଥମ ଦିନ ସନ୍ଧ୍ୟାରେ ୧୦୮ କଳସ ଯାତ୍ରା ସହ ବିଭିନ୍ନ ପୂଜା ରୀତିନୀତି ହୋଇଥିଲା। ଅନ୍ୟ ୨ଦିନ ହୋମଯଜ୍ଞ ଆୟୋଜିତ ହୋଇଥିଲା। ମୁଖ୍ୟ କର୍ତ୍ତା ଭାବେ ପ୍ରଭାତ କୁମାର ସେନାପତ, ଗୁଣପୁରର ଲାଡି ସୁରେଶ, ବିନୋଦ ଅଧିକାରୀ, ଜଗଦୀଶ ମିଶ୍ର ,ରାମା ଆଚାରୀ, କାହ୍ନୁ ଚରଣ ପାତ୍ର ପ୍ରମୁଖ ସପତ୍ନୀକ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ଦାଶରଥୀ ସେନାପତି, ଉପ ସଭାପତି ମଧୁସୂଦନ ଶବର, ସମ୍ପାଦକ ନରେନ୍ଦ୍ର କୁମାର ସାହୁଙ୍କ ସହ ବିଭୁ ପ୍ରସାଦ ସେନାପତି, କୃଷ୍ଣଚନ୍ଦ୍ର ଚୌଧୁରୀ, ସୂର୍ଯ୍ୟ ନାରାୟଣ ପୃଷ୍ଟି, ଲକ୍ଷ୍ମୀ ନାରାୟଣ ସେନାପତି ଏବଂ ଭାନୁମତୀପୁର ଗ୍ରାମର ସମସ୍ତ ଗ୍ରାମବାସୀ ଉପସ୍ଥିତି ରହି କାର୍ଯ୍ୟ ପରିଚାଳନା କରିଥିଲେ।


ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଆୟୋଜିତ କଳସ ଯାତ୍ରା।

# କୋରାପୁଟ ଜିଲାରେ ୩ ଦିନ ସ୍କୁଲ ଛୁଟି

କୋରାପୁଟ,୨୨।୪(ଅମିତାଭ ବେହେରା)

ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ୩ ଦିନ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ୨୩ରୁ ୨୫ ଯାଏ ସ୍କୁଲ ଛୁଟି ଘୋଷଣା କରିଛନ୍ତି। ଜିଲାପାଳଙ୍କ ଚିଠି ନଂ. ୨୫୬୪/୨୨।୪।୨୦୨୬ରେ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ଶିଶୁବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ଯାଏ ସମସ୍ତ ସରକାରୀ ଓ ଦୈନିକ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ଯାଏ ସ୍କୁଲରେ ଉପସ୍ଥିତ ରହିବେ ବୋଲି ନିର୍ଦ୍ଦେଶ ରହିଛି। ଜିଲା ପ୍ରଶାସନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରୁ ରଖି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି।


DISTRICT EDUCATION OFFICE, KORAPUT
Paraja Street, Koraput E-mail: [illegible]

OFFICE ORDER

Koraput Dated The 22nd April, 2026

No. 2564 /2026 – In view of the heatwave situation prevailing across the district, it has been decided that all schools under Koraput District within the class range from Sishu Vatika to Class XII shall remain closed from 23rd April 2026 to 25th April 2026. This decision has been taken for the safety and well-being of all school-going children.

However the teachers and other staff shall remain present at the school from 6.30am to 10.30am.

Collector-cum-DM, Koraput

Memo No. 2565 Dated 22.04.2026

Copy forwarded to all Headmasters/Headmistress/Principals/Pradhan Acharya of all types of Secondary Schools/ Principals of OAVs/ Principals of Higher Secondary Schools including Private Management Schools of this district for information and necessary action.

କୋରାପୁଟ ଜିଲାପାଳ ଜାରି କରିଥିବା ନିର୍ଦ୍ଦେଶନାମା।

# ସିଜନ୍-୩ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଗୁଣପୁର, ୨୨।୪ (ସଂକେତ ପାତ୍ର)

ରାମନାଗୁଡ଼ା ବ୍ଲକ୍ ନିଳାମଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନାଲପଣ୍ଡା ଗ୍ରାମରେ ଚଳିତ ବର୍ଷ ସିଜନ-୩ ନାଲପଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାମନାଗୁଡା ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିଳାମଗୁଡ଼ା ପଞ୍ଚାୟତର ସମିତି ସଭ୍ୟା ଓ ଗୁଲୁମୁଣ୍ଡା ପଞ୍ଚାୟତର ସମିତି ସଭ୍ୟ ସୁରେନ୍ଦ୍ର ମାଣ୍ଡାଙ୍ଗି ସହିତ ସ୍ଥାନୀୟ ଅଞ୍ଚଳର ବହୁ ସାମାଜିକ କର୍ମୀ ଓ ଯୁବ ଖେଳାଳି ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଗୁଗୁରୁପାଙ୍ଗା ଗ୍ରାମ ଓ ଗୋଟଲପଦର ଶ୍ରୀରାମପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୋମାଞ୍ଚକ ମ୍ୟାଚରେ ଗୋଟଲପଦର ଶ୍ରୀରାମପୁର ଦଳ ବିଜୟୀ ହୋଇଥିଲା।



# ଗର୍ଭବତୀ,ଶିଶୁ ପୋଷଣଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ

## ଗୁଣପୁରରେ ପୋଷଣ ପକ୍ଷ ପାଳିତ

ଗୁଣପୁର,୨୨।୪( ସୁଜାତା ପାଢ଼ୀ)

ଗୁଣପୁର ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ପକ୍ଷରୁ ସେବା ସମାଜ ପରିସରରେ ବୁଧବାର ପୋଷଣ ପକ୍ଷ ଉତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଗୁଣପୁର ଡେପୁଟି କଲେକ୍ଟର ଜନସ୍ମିଥ ଭୂୟାଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଗୁଣପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଶବର, ଡମ୍ବସରା ସିଏଚ୍‌ସିର ମେଡିକାଲ ଅଧିକାରୀ ଡା. କେ. ନାଭ୍ୟା, ସାମାଜିକ କର୍ମୀ ଚାରୁବାଳା ଶତପଥୀ, ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ ଯୋଗଦେଇଥିଲେ।

ମୁଖ୍ୟ ଅତିଥି ଭୂୟାଁ ଏବଂ ଡା. ନାଭ୍ୟା ମା’ମାନଙ୍କ ଅନ୍ତଃସତ୍ତ୍ୱା ହେବା ସମୟରେ ପୋଷଣଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ ବୋଲି କହିଥିଲେ। ଏହି ସମୟରେ ଶରୀରରେ ଆଇରନ ଅଭାବ ରୁହେ, ତେଣୁ ଡାକ୍ତର ପରାମର୍ଶ ନେଇ ଆଇରନ ବଟିକା ଠିକ୍ ସମୟରେ ଖାଇବାକୁ ପରାମର୍ଶ ଦେଇଥିଲେ। ଗାଁ ଗହଳିରେ ଏବେ ମଧ୍ୟ ମାଆମାନେ ପୋଷଣଯୁକ୍ତ ଖାଦ୍ୟ ଖାଇ ପାରନ୍ତିନାହିଁ। ତାଙ୍କୁ ବାରମ୍ବାର ପୋଷଣ ସମ୍ପର୍କରେ ସଚେତନ କରାଇଲେ, ଜନ୍ମ ସମୟରେ ଛୁଆ ସୁସ୍ଥ ରହିବା ସହିତ ମା’ ମଧ୍ୟ ସୁସ୍ଥ ରହେ ବୋଲି ପ୍ରକାଶ କରିଥିଲେ। ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଅଧିକାରୀ ସୁଷମା ପ୍ରସାଦ ସ୍ୱାଗତ ଭାଷଣ ଦେବା ସହ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶରେ ଗତ ୯ରୁ ୨୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ପୋଷଣ ପକ୍ଷ ଉତ୍ସବ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗୁଣପୁର ବ୍ଲକର ମାଟିଗୁଡା, ଚାଲକମ୍ବ ଓ ଆଖପାଖ ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କର୍ମୀମାନେ ଯୋଗଦେଇ ବିଭିନ୍ନ ପ୍ରକାର ପ୍ରୋଟିନଯୁକ୍ତ ରନ୍ଧାଖାଦ୍ୟ, ବିଭିନ୍ନ ଫଳ, ବିଭିନ୍ନ ଡାଲି ଜାତୀୟ ଖାଦ୍ୟ, ସବୁଜ ପନିପରିବାର ଏକ ପ୍ରଦର୍ଶନୀ ଆୟୋଜନ କରିଥିଲେ । ଏହି ପ୍ରଦର୍ଶନୀକୁ ସୁପରଭାଇଜର ବସନ୍ତ ଗମାଙ୍ଗ, ପୂର୍ଣ୍ଣବାସୀ ମାଣ୍ଡାଙ୍ଗୀ, ପି. ଜ୍ୟୋତି ପରିଚାଳନା କରିଥିଲେ। ଆଦ୍ୱିକା କାର୍ଯ୍ୟକ୍ରମ ପାଇଁ ପ୍ରାୟ ୨୦ ଜଣ କିଶୋରୀ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ପୁରସ୍କୃତ ହୋଇଥିଲେ। ଅତିଥି ଓ କର୍ମୀମାନେ ମିଶି ପୁରୁଣା ଗୁଣପୁର ଅଞ୍ଚଳର ୨ଜଣ ଗର୍ଭବତୀ ମହିଳାଙ୍କ ଗୋଦଭରାଇ କରିଥିଲେ । ସେମାନଙ୍କୁ ପ୍ରୋଟିନଯୁକ୍ତ ଖାଦ୍ୟ ସାମଗ୍ରୀର ଥାଳି ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ୭ ମାସର ଛୁଆକୁ ବନ୍ଦାପନା କରାଯାଇ ଅନ୍ନପ୍ରସନ୍ନ କରାଯାଇଥିଲା। ସରକାରଙ୍କ ମିଶନ ଓଡ଼ିଶା ସୁପୋଷିତ କାର୍ଯ୍ୟକ୍ରମ ସମ୍ପର୍କରେ ସିଡିପିଓ ସମସ୍ତଙ୍କୁ ସୂଚିତ କରିଥିଲେ। ୨୦୨୭ ସୁଦ୍ଧା ଅନେକ ଅଞ୍ଚଳକୁ ସୁପୋଷିତ ଅଞ୍ଚଳରେ ପରିଣତ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ସେବା ସମାଜର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ଓ ଆଇସିଡିଏସ୍ ଓ ମେଡିକାଲର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ଶେଷରେ ବିଦ୍ୟୁସ୍ମିତା ଶବର ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

**ଦେଶୀ ମଦ ଚାଲାଣ, ଜଣେ ଗିରଫ**

ଜୟପୁର,(ପବନ ପାଣିଗ୍ରାହୀ): ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ବାଗ୍ରା ଗ୍ରାମର ଘେନୁ ମୁଦୁଲି। ଅବକାରୀ ଥାନା ପକ୍ଷରୁ ବାଗ୍ରା ଗ୍ରାମ ରାସ୍ତାରେ ଚଢ଼ାଉ କରି ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କିଶୋରି ହିରନ ସୂଚନା ଦେଇଛନ୍ତି।



# ଉତ୍ପାଦନସ୍ଥଳରେ ଆଦର ହରାଉଛି ଧାତୁକୀ ଫୁଲ

ନନ୍ଦପୁର,୨୨।୪(ତୁଷାର କାନ୍ତ ମହାନ୍ତି)

ଅବିଭକ୍ତ କୋରାପୁଟ ଜିଲାର ପ୍ରତି ପାହାଡ଼ରେ ବହୁଳ ମାତ୍ରାରେ ଦୁର୍ଲଭ ଗୁଳ୍ମ ଧାତୁକୀ ଫୁଲ ଦେଖିବାକୁ ମିଳୁଛି। ଏହି ନାରଙ୍ଗୀ ରଙ୍ଗର ଫୁଲ ଜାନୁଆରୀରୁ ଏପ୍ରିଲ ମଧ୍ୟରେ ଫୁଟିଥାଏ। ଏହାକୁ ଟେଣ୍ଡକା ଫୁଲ ମଧ୍ୟ କୁହାଯାଏ। ଏହି ଫୁଲ ଓ ଫଳ ଔଷଧୀୟ ଗୁଣରେ ଭରପୁର ଥିବାରୁ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ କରୁଥିବା କମ୍ପାନୀ, କବିରାଜ, ଗାଁ ବୈଦ ଏହାକୁ ବ୍ୟବହାର କରନ୍ତି। ଚର୍ମରୋଗ, ସ୍କିନ ଟୋନର, ପାଚନ ତନ୍ତ୍ର, ରକ୍ତସ୍ରାବ ରୋକିବା, ମଧୁମେହ ନିୟନ୍ତ୍ରଣ ଓ ମହିଳାଙ୍କ ଏକାଧିକ ରୋଗର ନିରାକରଣ ସହ ଅସବ ବା ଅରିଷ୍ଟ ଆଦି ଔଷଧ ପ୍ରସ୍ତୁତରେ ଧାତୁକୀ ଫୁଲର ବ୍ୟବହାର କରାଯାଏ। ଏହି ଫୁଲକୁ ଶୁଖାଇ ଚୂର୍ଣ୍ଣକୁ ହର୍ବାଲ ଟି ଭାବେ ବ୍ୟବହାର କରାଯାଏ। ଶୁଖିଲା ଫୁଲରୁ ପ୍ରାକୃତିକ ଖାଦ୍ୟ ରଙ୍ଗ ପ୍ରସ୍ତୁତ କରାଯାଏ। ବନ ବିଭାଗ ପକ୍ଷରୁ ଏହି ଫୁଲ ଓ ଫଳକୁ ଲଘୁ ବନଜାତ ଦ୍ରବ୍ୟ ତାଲିକାଭୁକ୍ତ କରାଯାଇଛି। କିନ୍ତୁ ଏହି ଫୁଲର ଅମଳ କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲାର ସମସ୍ତ ପାହାଡ ଓ ଜଙ୍ଗଲରେ ବହୁଳ ମାତ୍ରାରେ ହେଉଥିଲେ ସୁଦ୍ଧା ଗୁଳ୍ମର ସୁରକ୍ଷା, ଅମଳ, କିଣାବିକା ପାଇଁ ପଞ୍ଚାୟତ, ବ୍ଲକ, ଜିଲା ପ୍ରଶାସନ ଏବଂ ବନବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଧାତୁକୀ ଫୁଲ ପୋଡୁ ଚାଷ ଓ ଜଙ୍ଗଲ ନିଆଁରେ ଧିରେ ଧିରେ ନଷ୍ଟ ହେବାକୁ ଯାଉଛି। ପଡ଼ୋଶୀ ରାଜ୍ୟର କେତେକ ବେପାରୀ ଜିଲାର ଦୁର୍ଗମ ଅଞ୍ଚଳ ବୁଲି ଲୋକଙ୍କୁ ଅଗ୍ରୀମ ଦେଇ ଫୁଲକୁ ଲୋକଙ୍କଠାରୁ ଶାଗ ମାଛ ଦର କିଲୋ ପିଛା ମାତ୍ର ୧୦ ରୁ ୧୫ ଟଙ୍କା ଦେଇ କିଣି ନେଉଥିବା ସୂଚନା ମିଳିଛି। ଜିଲା ଓ ରାଜ୍ୟ ପ୍ରଶାସନ, ବନବିଭାଗ, ଜଙ୍ଗଲ ଜାତ ଦ୍ରବ୍ୟ କିଣାବିକା କରିବାକୁ ଥିବା ପଞ୍ଚାୟତ, ଆଇଟିଡିଏ, ଓରମାସ, ଟିଡିସିସି ଭଳି ସଂସ୍ଥା ଏହି ଫୁଲ ଗଛର ସୁରକ୍ଷା, ଅମଳ ପରେ କିଣାବିକା ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି।

"କୋରାପୁଟ ପାହାଡ଼ ଜଙ୍ଗଲରେ ୩ରୁ ୪ ଫୁଟ ଉଚ୍ଚତା ବିଶିଷ୍ଟ ନାରଙ୍ଗୀ ରଙ୍ଗର ଫୁଲ ଓ ଫଳ ଲାଇଥେରାସି ବଂଶୀୟ। ଏହାକୁ ଇଂଲିଶରେ ଉଡଫର୍ଡିଆ ଫ୍ରୁଟିକୋସା କୁହାଯାଏ। ଏହି ଗଛର ଫୁଲ ଫଳ, ପତ୍ର, ଛାଲି ସବୁଥିରେ ଔଷଧୀୟ ଗୁଣ ରହିଛି।

## ଔଷଧୀୟ ଗୁଣ ଯୋଗୁ ବାହାରେ ବଢ଼ୁଛି ଚାହିଦା



ଧାତୁକୀ ଫୁଲ।

ଚର୍ମରୋଗ, ରକ୍ତ ଶୁଦ୍ଧିକରଣ, ଡାଇରିଆ ଆଦି ରୋଗ ନିରାକରଣ ପାଇଁ ବ୍ୟବହାର କରାଯାଏ ବୋଲି କୋରାପୁଟ ଡିଏଭି କଲେଜ ବଟନି ବିଭାଗ ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ କହିଛନ୍ତି।"

"ଧାତୁକି ଫୁଲ ଆୟୁର୍ବେଦ ପାଇଁ ବରଦାନ। ଏଥିରେ ଥିବା ଚମତ୍କାରୀ ଗୁଣ ଆୟୁର୍ବେଦ ଚିକିତ୍ସା ପାଇଁ ଆସବ ଓ ଆରିଷ୍ଟ ଭଳି ଔଷଧ ପ୍ରସ୍ତୁତିରେ ମୁଖ୍ୟ ଫେରମେଣ୍ଟିଂ ଏଜେଣ୍ଟ ଭାବେ କାର୍ଯ୍ୟ କରେ। ଆୟୁର୍ବେଦ ଔଷଧ ପ୍ରସ୍ତୁତ କରୁଥିବା ସମସ୍ତ ଛୋଟ ବଡ ପ୍ରତିଷ୍ଠାନରେ ଏହି ଫୁଲର ଚାହିଦା ଅଧିକ। ମହିଳାଙ୍କ ଋତୁସ୍ରାବ ସମସ୍ୟା, ତ୍ୱଚା ସତେଜ ରଖିବା ଓ ଅନ୍ୟ ରୋଗ ପାଇଁ ଏକ ଡାଇଜେଷ୍ଟିବ ଏଞ୍ଜାଇମ ଭାବେ କାର୍ଯ୍ୟ କରୁଥିବାରୁ ଏହାର ଆଦର ଅଧିକ। ଏଭଳି ମୂଲ୍ୟବାନ ଔଷଧୀୟ ଗୁଳ୍ମର ସଂରକ୍ଷଣ କରିବା ଆବଶ୍ୟକ ବୋଲି ଜୟପୁର ଶ୍ରୀନିବାସ ଆୟୁର୍ବେଦ ଭବନର କବିରାଜ ପରମେଶ୍ୱର ପାତ୍ର କହିଛନ୍ତି।"

"ବନବିଭାଗ ଦ୍ୱାରା ପ୍ରସ୍ତୁତ ୬୯ ଲଘୁ ବନଜାତ ଦ୍ରବ୍ୟ ତାଲିକାରେ ଏହି ଧାତକୀ ଫୁଲ ଅନ୍ତର୍ଭୁକ୍ତ। ଏହାର ଔଷଧୀୟ ଗୁଣ ପାଇଁ ଭାରତବର୍ଷର ସମସ୍ତ ଆୟୁର୍ବେଦ କମ୍ପାନୀ ଏହି ଫୁଲ କିଣିବାକୁ ଆଗ୍ରହୀ। ଏହି ଫୁଲକୁ ସଂଗ୍ରହ କରି ଶୁଖାଇ ସ୍ଥାନୀୟ ଅଧିବାସୀ ବିକ୍ରି କରନ୍ତି। ଅବିଭକ୍ତ କୋରାପୁଟ ଜିଲାର ପାହାଡ଼ ଜଙ୍ଗଲରେ ଫୁଲ ବହୁଳ ମାତ୍ରାରେ ଉତ୍ପାଦନ ହେଉଥିଲେ ମଧ ଦୁର୍ଗମ ଜଙ୍ଗଲ ଅଞ୍ଚଳରୁ ଏହାକୁ ସଂଗ୍ରହ କରି ଆଣିବା, ଶୁଖାଇବା ଓ ଠିକ ଦରରେ ବିକ୍ରି କରିବା ପ୍ରକ୍ରିୟା ନେଇ ଲୋକେ ଅଜ୍ଞ ଥିବାରୁ ଏହାର ଠିକ ବଜାରୀକରଣ ହୋଇପାରୁନାହିଁ। ଲଘୁ ବନଜାତ ଦ୍ରବ୍ୟ କିଣାବିକା ପାଇଁ ପଞ୍ଚାୟତ ପ୍ରଶାସନଠାରୁ ଅନୁମତି ନେବାକୁ ନିୟମ ରହିଥିବା କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି ଭାସ୍କର ରାଓ କହିଛନ୍ତି।"

## କୋରାପୁଟ ଜିଲାରେ ୩ ଦିନ ସ୍କୁଲ ଛୁଟି

କୋରାପୁଟ,୨୨।୪(ଅମିତାଭ ବେହେରା)



DISTRICT EDUCATION OFFICE, KORAPUT
Paraja Street, Koraput E-mail: [illegible]
OFFICE ORDER
Koraput Dated The 22nd April, 2026
No. 2564 /2026 – In view of the heatwave situation prevailing across the district, it has been decided that all schools under Koraput District within the class range from Sishu Vatika to Class XII shall remain closed from 23rd April 2026 to 25th April 2026. This decision has been taken for the safety and well-being of all school-going children.
However the teachers and other staff shall remain present at the school from 6.30am to 10.30am.
Collector-cum-DM, Koraput
Memo No. 2565 Dated 22.04.2026
Copy forwarded to all Headmasters/Headmistress/Principals/Pradhan Acharya of all types of Secondary Schools/ Principals of OAVs/ Principals of Higher Secondary Schools including Private Management Schools of this district for information and necessary action.

କୋରାପୁଟ ଜିଲାପାଳ ଜାରି କରିଥିବା ନିର୍ଦ୍ଦେଶନାମା।

ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ୩ ଦିନ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ୨୩ରୁ ୨୫ ଯାଏ ସ୍କୁଲ ଛୁଟି ଘୋଷଣା କରିଛନ୍ତି। ଜିଲାପାଳଙ୍କ ଚିଠି ନଂ. ୨୫୬୪/୨୨।୪।୨୦୨୬ରେ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ଶିଶୁବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ଯାଏ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବ। ଓ ଦୈନିକ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ଯାଏ ସ୍କୁଲରେ ଉପସ୍ଥିତ ରହିବେ ବୋଲି ନିର୍ଦ୍ଦେଶ ରହିଛି। ଜିଲା ପ୍ରଶାସନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରୁ ରଖି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି।

## ଜନଶୁଣାଣିରେ ୭୪ ଡେସିମିଲ ଜମି ଅଧିଗ୍ରହଣ



ନନ୍ଦପୁର/ଲମତାପୁଟ, ୨୨।୪
(ତୁଷାର କାନ୍ତ ମହାନ୍ତି/ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ନନ୍ଦପୁର-ଲମତାପୁଟ ସଂଯୋଗୀ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ପାଇଁ ସିନ୍ଧିପୁଟ ପୋଲ ଆରପଟ ବାରଙ୍ଗଗୁଡ଼ା ଗ୍ରାମରେ ଜମି ଅଧିଗ୍ରହଣ କରିବାକୁ ଦ୍ୱିତୀୟ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଏଡିଏମ୍ ନରେଶ ଚନ୍ଦ୍ର ଶବର, ଲମତାପୁଟ ତହସିଲଦାର ଦିବାକର ବାଗ, ବିଡିଓ ଜୟନ୍ତ ମେହେର, ଲମତାପୁଟ ସରପଞ୍ଚ ପ୍ରଫୁଲ୍ଲ କିର୍ସାନୀ, ପଟ୍ଟାଙ୍ଗି ଡିଭିଜନ ସହକାରୀ ଯନ୍ତ୍ରୀ ଶରତ ପାତ୍ର, ନନ୍ଦପୁର ପୂର୍ତ୍ତ ବିଭାଗ ଯନ୍ତ୍ରୀ ଲଳିତ ମହନ୍ତ ଅଧିଗ୍ରହଣ ହେବାକୁ ଥିବା ଜମିର ୩ ପଟ୍ଟାଧାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପୂର୍ବରୁ ଆର୍‌ଡି ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ରାସ୍ତାର ନବନିର୍ମାଣ ପାଇଁ ବାରଙ୍ଗଗୁଡା ଗ୍ରାମର ମଙ୍ଗଳା ମାଝୀଙ୍କ ୨୩ ଡେସିମିଲ, ଡମୁ ସୀସାଙ୍କ ୫ ଡେସିମିଲ୍, ଦମୟନ୍ତୀ ଓ ପାର୍ବତୀ ମାଝୀଙ୍କ ୪୬ ଡେସିମିଲ୍ ମୋଟ ୭୪ ଡେସିମିଲ୍ ଜମି ଅଧିଗ୍ରହଣ କରିବାକୁ ସ୍ଥିର ହୋଇଥିଲା। ଅଧିଗ୍ରହଣ କରାଯାଉଥିବା ଜମିର ସରକାରୀ ଭାବେ ଧାର୍ଯ୍ୟ ମୂଲ୍ୟ ୩ ପଟାଧାରୀଙ୍କୁ ପ୍ରଦାନ କରାଯିବ ବୋଲି ଏଡିଏମ୍ ଶବର ଘୋଷଣା କରିଥିଲେ। ସର୍ବସମ୍ମତି କ୍ରମେ ଜନଶୁଣାଣି ସଫଳ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ମାଛକୁଣ୍ଡ ଥାନାଧିକାରୀ କୁଳମଣି ବୁରୁଦା ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ସାର ହୋଲ୍‌ସେଲ ଗୋଦାମରେ ଚଢ଼ାଉ

ଜୟପୁର,୨୨।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସାର କଳାବଜାର ବନ୍ଦ କରିବାକୁ ଚଢ଼ାଉ ବୁଧବାର ଆରମ୍ଭ କରାଯାଇଛି। କୃଷି ବିଭାଗ ପକ୍ଷରୁ ଜୟପୁର ଉପଖଣ୍ଡର ବୋରିଗୁମ୍ମା ଅଞ୍ଚଳର କରୁଣାମୟ ଫର୍ଟିଲାଇଜର ଦୋକାନରେ ଚଢାଉ କରାଯାଇଛି। ଏଥିରେ ଗଚ୍ଛିତ ସାର, ୭.୬ ମେଟ୍ରିକ ଟନ ସାର ବିକ୍ରି କରିବାର କାଗଜପତ୍ର ଯାଞ୍ଚ କରାଯାଇ ଅନିୟମିତତା ଥିବା ଜଣାପଡିବା ପରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଚଢ଼ାଉରେ କୋରାପୁଟ ମୁଖ୍ୟ ଜିଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର, ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା, ସହକାରୀ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସହକାରୀ ଜିଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସହକାରୀ ଜିଲ୍ଲା କୃଷି ଅଧିକାରୀ କାହ୍ନୁଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ଦଶମନ୍ତପୁର,୨୨।୪(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଲୁଲ୍ଲା ପଞ୍ଚାୟତ ଠେଲପଦର ଗ୍ରାମ ନିକଟ ଏକ ପୋଲ ପାଖରେ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ବୁଧବାର ମୃତ୍ୟୁ ହୋଇଛି। ମୃତକ ହେଲେ ଟ୍ରାକ୍ଟର ଡ୍ରାଇଭର ମକର ମୁଦୁଲି(୨୪)। ସୂଚନାନୁଯାୟୀ, ଦଶମନ୍ତପୁର ଥାନା ପାର୍ଶ୍ୱ ଅଞ୍ଚଳର ଠଣ ବିଶୋଇଙ୍କ ଟ୍ରାକ୍ଟର(ଓଡି୧୦-ସି-୪୯୯୦) ଯୋଗେ ଲୁଲା ଗ୍ରାମରେ ପାଣି ଦେଇ ଫେରୁଥିବା ବେଳେ ସାମନା ପଟୁ ଆସୁଥିବା ବସ୍‌କୁ ସାଇଡ୍ ଦେବାକୁ ଯାଇ ଠେଲପଦର ଗ୍ରାମ ନିକଟରେ ପ୍ରାୟ ୧୨ ଫୁଟ ତଳକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ମକରଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ନଂ ୪୯/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ଥିବା ଥାନାଧିକାରୀ ଚରଣ ସିଂ ମାଝୀ କହିଛନ୍ତି। ମକରଙ୍କ ୨ ଝିଅ ଅଛନ୍ତି।

## ଡ୍ରାଇଭରଙ୍କୁ ଆକ୍ରମଣ ଘଟଣା: ୩ କୋର୍ଟ ଚାଲାଣ

ସୁନାବେଡା/ସେମିଳିଗୁଡ଼ା,୨୨।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡା ଥାନା ଅଧୀନ ଭାରତମାଳା ଟୋଲ ଗେଟ ନିକଟରେ ଜଣେ ଟ୍ରକ ଡ୍ରାଇଭରଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲୁଟ କରିବା ଘଟଣାରେ ସେମିଳିଗୁଡ଼ା ପୋଲିସ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସେମିଳିଗୁଡ଼ା ଆମ୍ବେଡକର ନଗରର ବିପୁଲ ଧଡକା(୨୦), ମୁଖି ବିଡ଼ାଇ ଅଞ୍ଚଳର ସୁଜିତ ଗରଡା(୨୩) ଓ ପବିତ୍ର ଖରା(୨୧)। ସୂଚନାନୁଯାୟୀ,୧୭ ତାରିଖ ରାତିରେ ଭାରତମାଳା ଟୋଲଗେଟ୍ ନିକଟରେ ଦୁର୍ବୃତ୍ତମାନେ ଟ୍ରକକୁ ଅଟକାଇ ଡ୍ରାଇଭରଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସେମିଳିଗୁଡ଼ା ଥାନାରେ ଅଭିଯୋଗ ସହ ନଂ ୫୬/୨୬ରେ ମାମଲା ରୁଜୁ ହୋଇଥିଲା। ଏଏସଆଇ ଏସ. ସି. ସିସା ମାମଲାର ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ୨ ମୋବାଇଲ, ୧୫ଶହ ଟଙ୍କା ଓ ୨ ଛୁରି ଜବତ କରାଯାଇଥିବା ଥାନାଧିକାରୀ ଅନିତା କୁଲ୍ଲୁର ସୂଚନା ଦେଇଛନ୍ତି।

## ପୃଥିବୀ ଦିବସ ଅବସରରେ ସାଇକେଲ ଶୋଭାଯାତ୍ରା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜୟପୁର,୨୨।୪(ପବନ ପାଣିଗ୍ରାହୀ)

ବିଶ୍ୱ ପୃଥିବୀ ଦିବସ ଅବସରରେ ଜୟପୁର ସହରରେ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବାକୁ ସାମାଜିକ ସଙ୍ଗଠନ ସିୱା ଓ ସିଟି ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ସାଇକେଲ ଶୋଭାଯାତ୍ରା କରାଯାଇଛି। ବିଦ୍ୟାଳୟ ପରିସରରୁ ପ୍ରାୟ ୩୦ ଛାତ୍ରୀଛାତ୍ର, ସିୱା ସଭ୍ୟ, ଜୟପୁର ସାଇକେଲ କ୍ଲବ ସଭ୍ୟମାନଙ୍କ ଦ୍ୱାରା ସଚେତନତା ସାଇକେଲ ଶୋଭାଯାତ୍ରା କରାଯାଇଛି। ଏହାକୁ ପ୍ରଧାନଶିକ୍ଷୟିତ୍ରୀ ବି.ସୁଜାତା ଓ ସିୱା ସଭାପତି ଅଜୟ କୁମାର ମିଶ୍ର ଶୁଭାରମ୍ଭ କରିଥିଲେ। ଲୋକମାନଙ୍କୁ ପ୍ରଦୂଷଣ ମୁକ୍ତ ଯାତାୟାତ ଓ ଜଳବାୟୁ ପରିବର୍ତ୍ତନ ପ୍ରତି ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ପୃଥିବୀ ହେଉଛି ଆମର ଏକମାତ୍ର ଘର ଓ ଏହାର ସୁରକ୍ଷା କରିବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ବୋଲି ସିୱା ସମ୍ପାଦକ ପ୍ରତାପ ପଟ୍ଟନାୟକ କହିଛନ୍ତି। ସଂସ୍ଥା ଉପସଭାପତି ଜି.ଭେଙ୍କଟ ରେଡ୍ଡୀ ଛାତ୍ରୀଛାତ୍ରଙ୍କୁ ପୃଥିବୀର ସୁରକ୍ଷା ପାଇଁ ଚାରାରୋପଣ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ସିୱା ମହିଳା ଶାଖା ସଭାନେତ୍ରୀ ସୁମନ ମୁଦ୍ରା, ସଭ୍ୟା ଶୁଭସ୍ମିତା ସାହୁ, ମମତା ନାୟକ, ପ୍ରଦୀପ୍ତ ସାହୁ, ବିନାୟକ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ପ୍ରତିଭାଗୀ ପରିବେଶକୁ ସ୍ୱଚ୍ଛ ଓ ସବୁଜ ରଖିବାକୁ ଶପଥ ପାଠ କରିଥିଲେ।

## ଧରିତ୍ରୀ ଦିବସ ପାଳିତ

ଦାମନଯୋଡ଼ି,୨୨।୪(ନରସିଂହ ବ୍ରହ୍ମା)

କୋରାପୁଟ ଜିଲା ଦାମନଯୋଡ଼ି ତରଲାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଧରିତ୍ରୀ ଦିବସ ପାଳନ କରାଯାଇଛି। ଗ୍ଲୋବ୍‌ସ ଫାଉଣ୍ଡେଶନ ପ୍ରତିଷ୍ଠାତା ରମେଶ ଚନ୍ଦ୍ର ଦାଶ, ମରିଚମାଳ ସରପଞ୍ଚ ଲକ୍ଷ୍ମୀ ମସ୍ତିପୁଟିଆ, ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତି, ଅବସରପ୍ରାପ୍ତ କୃଷି ଅଧିକାରୀ ମଧୁସୂଦନ ପଣ୍ଡା ଓ ତ୍ରିଶଙ୍କୁ ସୁବୁଦ୍ଧି ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଳା ପୃଷ୍ଟିଙ୍କ ସଭାପତିତ୍ୱରେ ସୁକାନ୍ତି ଦାଶ, ଡି.ସତ୍ୟବତୀ ସହଯୋଗ କରିଥିଲେ। ସମାଜ ପାଇଁ ପୃଥିବୀର ବିଶେଷ ଅବଦାନ ନେଇ ଗୁରୁତ୍ୱ ଦେଇଥିଲେ। ଜଙ୍ଗଲ ନଷ୍ଟ ରୋକିବା ସହ ବୃକ୍ଷରୋପଣ ପାଇଁ ପଦକ୍ଷେପ ନେବାକୁ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଅତିଥି ଓ ଶିକ୍ଷକମାନେ ୧୦ଟି ଚାରାରୋପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ହୋଇଥିଲା।

## ପୋଷଣ ପକ୍ଷ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ସିଡିପିଓ ଏବଂ ଅନ୍ୟ କର୍ମଚାରୀମାନେ।

ସୁନାବେଡ଼ା ୨୨।୪(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ଅଙ୍ଗନୱାଡି କେନ୍ଦ୍ର ଓ ମଣ୍ଡଳଗୁଡ଼ିକରେ ପୋଷଣ ପକ୍ଷ ବୁଧବାର ପାଳନ କରାଯାଇଛି। ଏଥିରେ କିଶୋରୀ, ଯୁବତୀ, ପ୍ରସୂତି ଓ ମା'ମାନଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟାରୁ ଊର୍ଦ୍ଧ୍ୱରେ ରହି ସୁସ୍ଥ ପରିବେଶ ମଧ୍ୟରେ ସ୍ୱାସ୍ଥ୍ୟର ଯତ୍ନ ସହ ସୁସ୍ଥ ବାତାବରଣ କରି ସଫାସୁତରା ରହିବା ନେଇ ଆଲୋଚନା ହୋଇଥିଲା। ପୋଷଣ ଖାଦ୍ୟ ଖାଇବା ଦ୍ୱାରା ମା' ସହ ଜନ୍ମିତ ଶିଶୁର ସ୍ୱାସ୍ଥ୍ୟରେ ବିକାଶ ହୋଇପାରିବା ନେଇ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସୁନାବେଡ଼ା ସିଡିପିଓ ନଳିନୀ ବେହେରା, ଅଙ୍ଗନୱାଡି କେନ୍ଦ୍ର ଓ ମଣ୍ଡଳସ୍ତରର ସମସ୍ତ କର୍ମୀ ଉପସ୍ଥିତ ଥିଲେ। ସୁନାବେଡ଼ା ଆଇସିଡିଏସ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଆଲୁମିନା ନବନିର୍ମାଣ କର୍ମଚାରୀ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ

ଦାମନଯୋଡ଼ି,୨୨।୪(ନରସିଂହ ବ୍ରହ୍ମା)

କୋରାପୁଟ ଜିଲା ଦାମନଯୋଡ଼ିସ୍ଥିତ ନାଲ୍‌କୋ ଆଲୁମିନା ବିଶୋଧନ ପ୍ରକଳ୍ପର ସ୍ୱୀକୃତି ପ୍ରାପ୍ତ ଶ୍ରମିକ ସଙ୍ଗଠନ ଆଲୁମିନା ନବନିର୍ମାଣ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ବୁଧବାର ଶପଥ ପାଠ କରିଛନ୍ତି। ସେକ୍ଟର ୧ ସଂଘ କାର୍ଯ୍ୟାଳୟରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ନାଲ୍‌କୋ ମୁଖ୍ୟ ମହାପ୍ରବନ୍ଧକ ସୁଗାତୋ ଆନନ୍ଦ ବାସୁ ଯୋଗଦେଇଥିଲେ। ଶ୍ରୀଧର ପରିଡା ମଞ୍ଚ ସଂଯୋଜନାରେ ନିର୍ବାଚନ କମିଟି ଅଧ୍ୟକ୍ଷ ବିଶ୍ୱଜିତ ଦାଶ ସ୍ୱାଗତ ଓ ଉପାଧ୍ୟକ୍ଷ ରାଜେଶ ସିଂ ଧନ୍ୟବାଦ ଦେଇଥିଲେ। ନାଲକୋ



କାର୍ଯ୍ୟକ୍ରମରେ ଅତିଥି ଓ ନୂତନ କର୍ମକର୍ତ୍ତାମାନେ।

ମୁଖ୍ୟ ମହାପ୍ରବନ୍ଧକ ଏନ୍.ଏସ୍. ସୁଧାକର, ମନୋରଞ୍ଜନ ପଣ୍ଡା ଯୋଗଦେଇଥିଲେ। ଶ୍ରୀକାନ୍ତ କୁମାର ସାହୁ ସଭାପତି, ବିଶ୍ୱଜିତ ମିଶ୍ର ସାଧାରଣ ସମ୍ପାଦକ, ପାଣ୍ଡବ ସାହୁ କାର୍ଯ୍ୟକାରୀ ସଭାପତି, କେ.ନାଗେଶ୍ୱର ପାତ୍ର ଉପସଭାପତି, ଏନ୍. ରବିକୁମାର ସାଙ୍ଗଠନିକ ସମ୍ପାଦକ ଓ ଅନ୍ୟମାନେ ଦାୟିତ୍ୱ ନେଇଛନ୍ତି। ପ୍ରସନ୍ନ କୁମାର ନାୟକ କୋଷାଧ୍ୟକ୍ଷ, ଗୌତମ ବିଷୋୟୀ ସମ୍ପାଦକ(୧) ଓ ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକ(୨) ଭାବେ ଶପଥ ପାଠ କରିଛନ୍ତି।

## ୭ ଶିଶୁ ହୃଦ୍‌ରୋଗୀଙ୍କୁ ଉଚ୍ଚ ଚିକିତ୍ସା ପାଇଁ ପଠାଗଲା ମୁମ୍ବାଇ

ଜୟପୁର,୨୨।୪(ପବନ ପାଣିଗ୍ରାହୀ)

ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭ ଶିଶୁ ହୃଦରୋଗୀଙ୍କୁ ଚିହ୍ନଟ କରାଯାଇ ଉଚ୍ଚ ଚିକିତ୍ସା ପାଇଁ ବୁଧବାର ମୁମ୍ବାଇ ପଠାଯାଇଛି। ଏହି ଶିଶୁମାନଙ୍କୁ ବିଶେଷଜ୍ଞ ହସ୍ପିଟାଲକୁ ରେଫର୍ କରାଯାଇଛି। ଜିଲା ଚିକିତ୍ସାଳୟର ଅଧିକ୍ଷକ ଡ. ଅକ୍ଷୟ କୁମାର ରଥ, ହସ୍ପିଟାଲ ମ୍ୟାନେଜର ରୂପସୀ ମଧୁମିତା ନାୟକ ଓ ଆରବିଏସ୍‌କେ ମ୍ୟାନେଜର ସନ୍ତୋଷୀ କୁମାରୀ ଗୋପୀ ପ୍ରମୁଖ ଜିଲାର ବିଭିନ୍ନ ବ୍ଲକ ଓ ଗ୍ରାମାଞ୍ଚଳରେ ହୋଇଥିବା ସ୍କ୍ରିନିଂ କାର୍ଯ୍ୟକ୍ରମରେ ଏହି ୭ ଶିଶୁଙ୍କ ଜନ୍ମଗତ ହୃଦୟ ତ୍ରୁଟି ଚିହ୍ନଟ କରିଥିଲେ। ସ୍ଥାନୀୟ ହସ୍ପିଟାଲରେ ଉନ୍ନତ ଚିକିତ୍ସା ସୁବିଧା ନ ଥିବାରୁ ଶିଶୁ ହୃଦରୋଗୀଙ୍କୁ ମୁମ୍ବାଇ ପଠାଯାଇଛି। ସରକାରୀ ଯୋଜନା ଅନୁଯାୟୀ ସମସ୍ତ ଖର୍ଚ୍ଚ ସରକାର ବହନ କରିଛନ୍ତି।

## ଗଛ ଡାଳ ପଡ଼ି ଭାଙ୍ଗିଲା ଜଗନ୍ନାଥ ଟୁଙ୍ଗି ଗୃହ

ନନ୍ଦପୁର/ପାଡୁଆ,୨୨।୪
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତ ଆବର୍ଡା ଗ୍ରାମବାସୀ ଟାଇଲି ଛପର ଘରେ ସ୍ଥାପନ କରିଥିବା ଜଗନ୍ନାଥ ମନ୍ଦିର(ଟୁଙ୍ଗି) ଉପରେ ପାର୍ଶ୍ୱରେ ଥିବା ଗଛର ଡାଳ ଭାଙ୍ଗି ପଡ଼ିଯାଇଛି। ଏଥିଯୋଗୁ ମନ୍ଦିର ଗୃହର ଆଂଶିକ ଭାଙ୍ଗି ନଷ୍ଟ ହୋଇଛି। ଏକ ଘର କାର୍ଯ୍ୟରେ ନିଯୁକ୍ତ ଶ୍ରମିକ ଗଛ ତଳେ ବସିଥିବା ବେଳେ ସେମାନଙ୍କ ସହ ଜଣେ ଶିଶୁ ସାମାନ୍ୟ ଆହତ ହୋଇଛନ୍ତି। ନନ୍ଦପୁର ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ହଟାଇଥିଲେ। ବ୍ଲକ ବିଧାୟକ ପ୍ରତିନିଧି କାମେଶ କାମୁଡି ଘଟଣା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରି ଟୁଙ୍ଗି ଗୃହ ନିର୍ମାଣ ପାଇଁ ପାଣ୍ଠି ବରାଦ କରିବେ ବୋଲି କହିଛନ୍ତି।

## ସାପ୍ତାହିକ ଗୀତାଯଜ୍ଞ ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସରେ ପ୍ରବଚନ ଦିଆଯାଉଛି।

ସୁନାବେଡ଼ା ୨୨।୪(କୃତ୍ତିବାସ ପ୍ରଧାନ)

ବରିଷ୍ଠ ନାଗରିକ ସଂଘ ସେମିଳିଗୁଡ଼ା ପକ୍ଷରୁ ଆୟୋଜିତ ସାପ୍ତାହିକ ଗୀତା ପାଠଚକ୍ର ଶେଷ ହୋଇଛି। କାର୍ଯ୍ୟକ୍ରମ ପ୍ରଥମ ଦିନରେ କୋରାପୁଟ ବିଧାୟକ ରଘୁରାମ ମାଛ ଏହାର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ଫୋନ ଡିରେକ୍ଟୋରିକୁ ଲୋକାର୍ପଣ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସୁନାବେଡା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, ପ୍ରବଚକ ଡ. ଦେବଦତ୍ତ ଶତପଥୀଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସଭାପତି ପ୍ରତାପ ଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ନୀଳମଣି ନାୟକ ସ୍ୱାଗତ କରିଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ଧନ୍ୟବାଦ ଦେଇଥିଲେ। ଉପଦେଷ୍ଟା କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଅଫିସ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଲୋକସମ୍ପର୍କ ସମ୍ପାଦକ ପ୍ରଦୀପ କୁମାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସ୍କୁଲ ଆଗରେ ଖୋଲାରେ ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

ନନ୍ଦପୁର/ପାଡୁଆ,୨୨।୪
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଛଲୁଙ୍ଗ ପଞ୍ଚାୟତ ହାଟଗୁଡା ସେବାଶ୍ରମ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ଟ୍ରାନ୍ସଫର୍ମର ଖୋଲାରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୁଣ୍ଟ ଓ ତାରରେ ଅନାବନା ଲତା ମାଡ଼ିରହିଛି। ଏହା ସଂସ୍ପର୍ଶରେ ଆସି ଗୃହପାଳିତ, ଛାତ୍ରୀଛାତ୍ର ଓ ଜନତା ଅଘଟଣର ଶିକାର ହେବା ଆଶଙ୍କା କରାଯାଇଛି। କୌଣସି ଅଘଟଣ ପୂର୍ବରୁ ଟିପି ଏସଓଡିଏଲ କର୍ତ୍ତୃପକ୍ଷ କ୍ଷେତ୍ର ପରିଦର୍ଶନ କରି ଟ୍ରାନସଫର୍ମର ଚର୍ତୁପାର୍ଶ୍ୱରେ ସୁରକ୍ଷା ପାଚେରୀ ନିର୍ମାଣ କରିବା ବ୍ୟବସ୍ଥା କରିବାକୁ ପଞ୍ଚାୟତ ସରପଞ୍ଚ ପୂଜା ଖିଲ, ପିଇଓ କମଲ ସ୍ମିଥ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକ ଅନୁରୋଧ କରିଛନ୍ତି।



## କଫି ନର୍ସରି ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ





ଶିବିରରେ ଉପସ୍ଥିତ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟମାନେ।

କୋରାପୁଟ,୨୨।୪(ଅମିତାଭ ବେହେରା)

କଫି ନର୍ସରୀ ପରିଚାଳନା ସମ୍ପର୍କିତ ଏକଦିନିଆ ପ୍ରଶିକ୍ଷଣ ଶିବିର କୋରାପୁଟ ମୃତ୍ତିକା ସଂରକ୍ଷଣ ସମ୍ମିଳନୀ କକ୍ଷରେ ବୁଧବାର ଉଦ୍‌ଘାଟିତ ହୋଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଶିବିର ଶୁଭାରମ୍ଭ କରିଥିଲେ। କଫି ଚାଷ ଲାଭଜନକ ଅର୍ଥ ଉପାର୍ଜନମୂଳକ ଚାଷ ହୋଇଥିବାରୁ ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଦଳର ମହିଳାମାନେ ଏହାକୁ ଅନୁସରଣ କରି ପରିବାରର ଆର୍ଥିକ ସ୍ଥିତି ସୁଧାରିପାରିବେ ବୋଲି ଜିଲାପାଳ କହିଛନ୍ତି। କଫି ଚାଷ ପାଇଁ ଆବଶ୍ୟକ ଛାୟା ଚାରାରୋପଣ ଓ ନର୍ସରୀ ପରିଚାଳନା ପ୍ରଣାଳୀ ଅବଗତ ହେବା ଆବଶ୍ୟକ। ଶିବିରରେ କେନ୍ଦ୍ରୀୟ କଫି ବୋର୍ଡ ବରିଷ୍ଠ ପରିଚାଳନା ଅଧିକାରୀ ଉପେନ୍ଦ୍ର କୁମାର ଶାହା, ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶିବଚରଣ ଜେଠି ଏବଂ ଓଡିଶା କଫିଚାଷୀ ଆସୋସିଏଶନ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ନନ୍ଦପୁର, ସେମିଳିଗୁଡା, ପଟ୍ଟାଙ୍ଗି, ଲମତାପୁଟ, କୋରାପୁଟ, ଲକ୍ଷ୍ମୀପୁର ଓ ଦଶମନ୍ତପୁର ଆଦି ବ୍ଲକରୁ ଆସିଥିବା ସ୍ୱୟଂ ସହାୟକ ଦଳର ସଭ୍ୟାମାନଙ୍କୁ କଫି ଚାଷ, ନର୍ସରୀ ପରିଚାଳନା ଓ ଏହାର ଉପକାରିତା ନେଇ ଅବଗତ କରାଯାଇଥିଲା। ସରକାରଙ୍କ ବିଭିନ୍ନ ସୁବିଧା ଓ ଯୋଜନା ନେଇ କୁହାଯାଇଥିଲା। କଫି ଉନ୍ନୟନ ନିର୍ଦ୍ଦେଶକ ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

